# Akashvani, Sambalpur

## SAMBALPURI NEWS BULLETIN

### 31 August 2025 - 6.47- 6.52 am.

**********************************************

ମହାନଦୀ ଜଲ୍ ବିବାଦ୍-ଟ୍ରିବ୍ୟୁନାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାନଦୀ ଜଲ୍ ବିବାଦ୍‌ର ସମାଧାନ୍‌କେ ନେଇକରି ସେପ୍ଟେମ୍ବର୍ ୬ ତାରିଖ୍ ଟ୍ରିବ୍ୟୁନାଲ୍‌ର ଶୁଣାଣି ହେବା । ଓଡ଼ିଶା ଆଉ ଛତିଶ୍‌ଗଡ୍‌ର ଜଲ୍‌ସମ୍ପଦ୍ ବିଭାଗ୍‌ର ସଚିବ ମାନେ ଟ୍ରିବ୍ୟୁନାଲ୍ ପାଶେ ଇ ବାବଦ୍ ନିଆଯାଇଥିବା ପଦକ୍ଷେପ୍ ମାନକର୍ ବିଷେଥି ତଥ୍ୟ ରଖିବେ । ଇତାକେ ନଜର୍‌ଥି ରଖିକରି ଗଲାକାଏଲ୍ ନୂଆଦିଲ୍ଲୀ ଠାନେ ମହାନଦୀ ଜଲ୍‌ବିବାଦ୍ ସମାଧାନ୍ କ୍ଷେତ୍ରଥି ଓଡ଼ିଶା ଆଉ ଛତିଶ୍‌ଗଡ୍‌ର ମୁଖ୍ୟ ସଚିବ ସ୍ତର୍‌ଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଦୁହି ରାଜ୍ୟର୍ ମୁଖ୍ୟସଚିବ, ଜଲ୍‌ସମ୍ପଦ୍ ବିଭାଗ୍‌ର ଅଧିକାରୀମାନେ ମିଲିତ୍ ଭାବେ ସହଯୋଗୀ ସମାଧାନ୍ ଲାଗି ଆଲୋଚନା କରିଛନ୍ ।

ସ୍ୱାୟତ ଶାସନ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ସ୍ୱାୟତ ଶାସନ୍ ଦିବସ୍ । ଭୁବନେଶ୍ୱର୍ ରେଲ୍ୱେ ଅଡ଼ିଟୋରିୟମ୍ ଠାନେ ଆଏଜ୍ ରାଜ୍ୟସ୍ତରୀୟ ସ୍ୱାୟତ ଶାସନ୍ ଦିବସ୍ ସମାରୋହ ଆୟୋଜନ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ସହରାଂଚଲ୍ ଲାଗି ୧୨ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କର୍‌ବେ । ଜାତୀୟ ଏକକ ଗମନାଗମନ୍ କାର୍ଡ୍, ସହଯୋଗ୍ ଅଭିଯାନ୍ ସମାବେଶୀ ସହର୍ ଗଠନ୍ ଲାଗି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହେତେ ବୁଝାମଣା, ସହର୍‌ସାଥୀ କଲ୍ ସେଂଟର୍ ଆଉ ପୌରସଂସ୍ଥା କର୍ମଚାରୀଙ୍କର୍ ଲାଗି ସିୟୁଜି ନମ୍ବର୍ ବଂଟାଯିବା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଜଳସାଥୀ, ସ୍ୱଚ୍ଛସାଥୀ, ପରିମଳ କର୍ମଚାରୀ ଆଉ ଶ୍ରେଷ୍ଠ ପୌରସଂସ୍ଥାମାନ୍‌କୁ ଭିଲ୍ ପୁରସ୍କୃତ କର୍‌ବେ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇଡାର୍ ପ୍ରସାରଣ୍ କରାଯିବା । ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଏସ୍‌ଆଇଟି -ବୈଠକ                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ କଳା ଧନ୍ କାର୍‌ବାର୍ ବାବ୍‌ଦେ ତଦନ୍ତ୍ କରୁଥିବା ସ୍ୱତନ୍ତ୍ର ଅନୁସନ୍ଧାନ୍ ଦଲ୍- ଏସ୍‌ଆଇଟି ର ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ କଟକ୍ ଠାନେ ହେବା । ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କର୍ ଅଧ୍ୟକ୍ଷତାଥି ହେବାର୍‌କେ ଥିବା ବୈଠକ୍‌ଥି ଓଡ଼ିଶା ପୁଲିସ୍, ଭିଜିଲାନ୍ସ ବିଭାଗ୍, ଆୟକର୍ ବିଭାଗ୍, ପ୍ରବର୍ତନ୍ ନିର୍ଦ୍ଦେଶାଳୟ ଆଉ ଅଲ୍‌ଗା ତଦନ୍ତ୍‌କାରୀ ସଂସ୍ଥାମାନ୍‌କର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଆଇସିସି ବୈଠକ୍ ଉଦ୍‌ଯାପିତ୍        I&PR

ଇଣ୍ଡିଆନ୍ ଚେମ୍ବର୍ ଅଫ୍ କମର୍ସ ଆଇସିସି ଆଉ ଲଘୁ ଉଦ୍ୟୋଗ୍ ଭାରତୀ ତର୍‌ଫୁ ବିକଶିତ୍ ଓଡ଼ିଶା - ଓଡ଼ିଶାର ଅଭିବୃଦ୍ଧି ଇଞ୍ଜିନ୍‌କେ ସଶକ୍ତ କର୍‌ମା ଉପ୍‌ରେ ହେଇଥିବା ଆଲୋଚନା ଚକ୍ର ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି କହିଛନ୍, ଦେଶର୍ ସର୍ବଶ୍ରେଷ୍ଠ ୫ ଟା ବିକଶିତ୍ ରାଜ୍ୟ ଭିତ୍‌ରେ ଓଡ଼ିଶାକେ ଠାନ୍ ଦେବାର୍ ଆମର୍ ସର୍‌କାର୍‌ଙ୍କର୍ ପହେଲା ଆଉ ଗୁଟେ ନ ଲକ୍ଷ୍ୟ । ଆଏବା ମାସେ ହେବାର୍‌କେ ଥିବାର୍ ଜିଏସ୍‌ଟି ସଂସ୍କାର୍ ଦେଶର୍ ବାଣିଜ୍ୟ କ୍ଷେତ୍ରଥି ଗୁଟେ ବଡ଼ ପରିବର୍ତନ୍ ଆନ୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ୨୦୪୭ ବେଲ୍‌କେ ଓଡ଼ିଶା ନ ସହରୀକରଣ୍‌କେ ୬୦ ପ୍ରତିଶତ୍ କରାଯିବାର୍‌କେ ଆକଲନ୍ କରାଯାଇଛେ । ଭୁବ୍‌ନେଶ୍ୱର୍, ସମ୍ବଲ୍‌ପୁର୍, ରାଉର୍‌କେଲା, କଟକ୍, ବ୍ରହ୍ମପୁର୍ ସହର୍‌କେ ଆଧୁନିକ୍ ସହର୍ ଭିତିଭୂମିର୍ ମୋଡ଼େଲ୍ ଭାବେ ବିକଶିତ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍ ।

ମୁଖ୍ୟମନ୍ତ୍ରୀ-କର୍‌ମା ଉତ୍ସବ୍      I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଚନ୍ଦ୍ରଶେଖରପୁର୍ ଠାନେ ଓରାଓଁ ସାଂସ୍କୃତିକ୍ ସମାଜ୍ ତର୍‌ଫୁ 'କର୍‌ମା' ଆଘୋନୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଯୋଗ ଦେଇଛନ୍ । ଖୋବ୍ ଜଲ୍‌ଦି ସର୍‌କାର୍‌ଙ୍କର୍ ତର୍‌ଫୁ ଓରାଓଁ ସାଂସ୍କୃତିକ୍ ସମାଜ୍ ଲାଗି ସ୍ଥାୟୀ ଜମି ଦିଆଯିବା ଆଉ ଓରାମ୍ ଜନଜାତିର୍ ସାଂସ୍କୃତିକ୍ ଉନ୍ନତି ଲାଗି ପ୍ରୋତ୍ସାହନ୍ ରାଶି ଭିଲ୍ ଦିଆଯିବା ବଲି କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ ।

କପା ଚାଷୀ-ପଞ୍ଜିକରଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ କପା ନିଗମ୍ ଲିମିଟେଡ୍ ତର୍‌ଫୁ କପା ଚାଷୀମାନ୍‌କର୍ ଲାଗି ନୂଆଁ ନିୟମ୍ ଅନାଯାଇଛେ । କପା ମଣ୍ଡି ନ ବିକ୍ରି କର୍‌ବାର୍‌କେ ହେଲେ ଚାଷୀମାନ୍‌କୁ ଏତ୍‌କର ଆଗ୍‌ତୁରା ପଞ୍ଜିକରଣ୍ କର୍‌ବାର୍‌କେ ପଡ୍‌ବା । ଆଏବା ୧ ତାରିଖ୍‌ନୁ କପା ଚାଷୀମାନେ ମୋବାଇଲ୍ ଆପ୍ କପାସ୍ କିଷାନ୍ ଜରିଏ ଆଧାର୍ କାର୍ଡ଼ ଦେଇକରି ଇଥିର୍‌ଲାଗି ପଞ୍ଜିକରଣ୍ କରିପାର୍‌ବେ । ଇ ପଞ୍ଜିକରଣ୍ ସେପ୍ଟେମ୍ବର୍ ୩୦ ତାରିଖ୍‌ତକ୍ ଚାଲ୍‌ବା ବଲି ଆର୍‌ଏମ୍‌ସି ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରେଢ଼ାଖୋଲ୍ -ପଥ ଉତ୍ସବ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରେଢ଼ାଖୋଲ୍ ବିଜ୍ଞପିତ ଅଂଚଲ୍ ପରିଷଦ୍ ନ ସ୍ୱାୟତ ଶାସନ୍ ଦିବସ ପାଲନ୍ ଆଘୋନୁ ଗଲାକାଏଲ୍ ପଥ ଉତ୍ସବ୍ ହେଇଯାଇଛେ । ଭିନ୍ ଭିନ୍ ଜାଗା ନ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍, ଝୁଁଟି ପ୍ରତିଯୋଗିତା, ଯୋଗ ସହେତେ ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କର୍ ତର୍‌ଫୁ ତିଆର୍ ହେଇଥିବା ଖାଏବାର୍ ଦରବ୍ ପ୍ରଦର୍ଶିତ୍ ହେଇଥିଲା । ରେଢ଼ାଖୋଲ୍ ନ ଇ ଉତ୍ସବ୍ ପହେଲାଥର୍ ଲାଗି ହେଇଥିବାର୍ ବେଲେ ବହୁତ୍ ଜନସାଧାରଣ ଯୋଗ୍ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

## ପୁରୁଷ ହକି ଏସିଆକପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିହାର୍ ଠାନେ ଚାଲିଥିବା ପୁରୁଷ ହକି ଏସିଆକପ୍‌ଥି ଆଏଜ୍ ପୁଲ୍-ଏ ର ୨ ଟା ମେଚ୍ ଖେଲାଯିବା । ଆୟୋଜକ ଭାରତ୍ ତାର୍ ୨ ନମ୍ବର୍ ମେଚ୍‌ଥି

ଜାପାନ୍‌କେ ଭେଟୁଥିବାର୍ ବେଲେ ଚୀନ୍ ଆଉ କାଜାଖସ୍ଥାନ୍ ମୁହାଁମୁହିଁ ହେବେ । ଆଘୋନୁ ଭାରତ୍ ପହେଲା ମେଚ୍‌ଥି ଚୀନ୍‌କେ ୪-୩ ଗୋଲ୍‌ଥି ହରେଇକରି ୩ ପଏଂଟ୍ ହାସଲ୍ କରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ସମୁଦ୍ର ଖଁଡ଼ି ଇଲାକା ନ ହେଇଥିବା ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ଆଏଜ୍‌ଠାନୁ ସେପ୍ଟେମ୍ବର୍ ୩ ତାରିଖ୍‌ତକ୍ ରାଜ୍ୟର୍ ବଡ଼ଭାଗି ଜାଗା ନ ଜବର୍ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ୨୫ ଟା ଜିଲ୍ଲା ନ ଚଡ଼କ୍ ମାର୍‌ବାର୍ ସହେତେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।